# ପାରମ୍ପରିକ ଲୋକନୃତ୍ୟରେ ଝୁମିଲେ ଦର୍ଶକ





ତାଳଚେର,୨୪।୪(ମନୋଜ ନନ୍ଦ)

## ହିଙ୍ଗୁଳା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଚାଲିଥିବା ନବଦିନାତ୍ମକ ଯାତ୍ରାର ଦ୍ୱିତୀୟ ଦିବସରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଲଗା ଯାଇଥିବା ଅତ୍ୟାଧୁନିକ ଏଲ୍ଇଡି ଲାଇଟ ଶ୍ରଦ୍ଧାଳୁମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହାସହିତ ୨୦ତମ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ଅରୁଣ ପ୍ରଧାନ, ସଞ୍ଜୟ କୁମାର ସାହୁ ଓ ଗଗନ ବିହାରୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମଧ୍ୟପ୍ରଦେଶର 'ଲକ୍ଷ୍ୟ ମଣିପୁରୀ' ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ସେହିପରି କେନ୍ଦ୍ରାପଡାର ଗଡ୍‌ମେକର ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହିତ ପୁରୀର ମାଲଖମ୍ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମାଲଖମ୍ବ କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଚମତ୍କୃତ କରି ଦେଇଥିଲା। 'ହାଇପର ଡ୍ୟାନ୍ସ ଏକାଡେମୀ', 'ନୃତ୍ୟ ସାଧନା' ଓ 'ଦି କ୍ଲାପ' ନୃତ୍ୟ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ସମସ୍ତ କଳାକାରଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ନ୍ୟାୟ ପାଇଁ ଦମ୍ପତି ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ



ଅନୁଗୋଳ,୨୪।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଁଣ୍ଟରପାଳ ଥାନା ଅନ୍ତର୍ଗତ ବୁଢାପଙ୍କ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ଏକ ଦମ୍ପତି ନ୍ୟାୟ ପାଇବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ୧୩ ତାରିଖରେ ଆସିଲି ପରିଡ଼ା ଏବଂ ସ୍ୱାମୀ ଈଶ୍ୱର ପରିଡ଼ା ଘର ପଛ ପାଖରେ ମାଟି ପକାଇବା ବେଳେ ଘର ପାଖ ଲୋକ ବିରୋଧ କରିବା ସହ ଦମ୍ପତିଙ୍କୁ ମାଡ ମାରିଥିଲେ। ଏ ନେଇ ଦମ୍ପତି ବଁଣ୍ଟରପାଳ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ବଁଣ୍ଟରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ନ୍ୟାୟ ପାଇବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବଁଣ୍ଟରପାଳ ଥାନାକୁ ନିର୍ଦ୍ଦେଶ ଦେଇଥିବା ଦମ୍ପତି ପ୍ରକାଶ କରିଛନ୍ତି।

# ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ,୨୪।୪ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଅମଲାପଡ଼ା ଅଞ୍ଚଳରୁ ଏକ ମୋଟର ସାଇକେଲ ଚୋରି ଅଭିଯୋଗରେ ପୋଲିସ ନିଶା ଥାନା ଅଞ୍ଚଳର ଶରତ ନାଏକ(୨୦)ଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ମୋଟର ସାଇକେଲ (ନଂ. ଓଡି୧୯କେ-୬୭୦୭)କୁ ଜବତ କରାଯାଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୋଲିସ କହିଛି, ଅନୁଗୋଳ ଥାନା ଅମଲାପଡ଼ା ଅଞ୍ଚଳର ଆଶୁତୋଷ ମିଶ୍ରଙ୍କ ଗାଡ଼ି ଚାଳକ ଭାବେ ଶରତ କାର୍ଯ୍ୟ କରୁଥିଲେ। ସେ ଗତ ୧ ତାରିଖରୁ ତାଙ୍କ ମୋଟର ସାଇକେଲକୁ ନେଇ ଚମ୍ପଟ ମାରିଥିଲେ। ଏହାପରେ ଆଶୁତୋଷ ଗାଡ଼ି ଫେରାଇବା ପାଇଁ ଚାଳକଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଗାଡ଼ି ଦେବେ ନାହିଁ ବୋଲି କହିଥିଲେ। ଏ ନେଇ ଆଶୁତୋଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଶରତଙ୍କୁ ଗିରଫ କରିଛି।

# ଅନିମେଶଙ୍କୁ ସମ୍ମାନିତ କଲା ଏମ୍‌ସିଏଲ୍




ତାଳଚେର,୨୪।୪ (ମନୋଜ ନନ୍ଦ)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ର୍‍ୟାଙ୍କ-୨ ହାସଲ କରିଥିବା ତାଳଚେର ଅଞ୍ଚଳର ଅନିମେଶ ପ୍ରଧାନଙ୍କ ପାଇଁ ଏମ୍‌ସିଏଲ୍ ସହିତ କଳିଙ୍ଗ ଏରିଆ ଗର୍ବିତ। ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ୍‌ର ବୈଷୟିକ ତଥା ପରିଚାଳନା ନିର୍ଦ୍ଦେଶକ ଜେ.କେ. ବୋରା, ତାଳଚେରର ଏମ୍‌ସିଏଲ୍ କଳିଙ୍ଗ ଡିଏଭି ବିଦ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଅନିମେଶଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ମେହମୁଦ ମିଆଁ, କଳିଙ୍ଗ ପ୍ରିନ୍ସପାଲ ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅନିମେଶ ହେଉଛନ୍ତି ଏମ୍‌ସିଏଲ୍ ଭରତପୁର ପ୍ରକଳ୍ପ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ କିରାଣି ସ୍ୱର୍ଗତା ଅରୁଣା ପ୍ରଧାନଙ୍କ ସୁପୁତ୍ର ତଥା ଡିଏଭି କଳିଙ୍ଗର ପୂର୍ବତନ ଛାତ୍ର। ଏହି ଅବସରରେ ପ୍ରଧାନ ତାଙ୍କ ଅନୁଭୂତି ବାଣ୍ଟି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କୁ ଶିକ୍ଷାନୁଷ୍ଠାନରେ ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ। ନିଜ ତରଫରୁ କୃତଜ୍ଞତା ଜଣାଇ ପ୍ରଧାନ କହିଥିଲେ, 'ଶିକ୍ଷାଗତ ଯାତ୍ରାରେ ଏମ୍‌ସିଏଲ୍ କ୍ରମାଗତ ଭାବରେ ମାର୍ଗଦର୍ଶକର କାର୍ଯ୍ୟ ତୁଲାଇଛି।

# ଦଳକୁ ଫେରିଲେ ପୂର୍ବତନ ଜିଲାପରିଷଦ ଉପସଭାପତି

ପାଲଲହଡ଼ା,୨୪।୪ (ଦିବ୍ୟଜ୍ୟୋତି ଦାଶ)



ଅନୁଗୋଳ ଜିଲା ପରିଷଦର ପୂର୍ବତନ ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ ବୁଧବାର ପୁଣିଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇନ୍ଦ୍ରମଣି ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଅନୁଗୋଳ ଜିଲାପରିଷଦର ଉପସଭାପତି ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳରୁ ଇସ୍ତଫା ଦେଇଥିଲେ। ହେଲେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉକ୍ତ ଇସ୍ତଫା ପତ୍ର ଗ୍ରହଣ ନ କରି ଦଳ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ମାତ୍ର ଇନ୍ଦ୍ରମଣି ସେବେଠାରୁ ଦଳୀୟ କାର୍ଯ୍ୟକ୍ରମରୁ ନିଜକୁ ଦୁରେଇ ରଖିଥିଲେ। ଆଜି ଯାଏ ସେ କୌଣସି ଦଳରେ ଯୋଗଦାନ କରି ନ ଥିବା ବେଳେ ବୁଧବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ନେତୃତ୍ୱରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ପାଲଲହଡା ବିଧାୟକ ମୁକେଶ ପାଲଙ୍କ ଉପସ୍ଥିତିରେ ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇନ୍ଦ୍ରମଣିଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ସୁଦୃଢ କରିବ ବୋଲି ବିଧାୟକ ପାଲ ପ୍ରକାଶ କରିଥିଲେ। ଏ ନେଇ ଇନ୍ଦ୍ରମଣି କହିଥିଲେ, ବ୍ୟକ୍ତିଗତ କାରଣ ପାଇଁ ସକ୍ରିୟ ରାଜନୀତିରୁ ଦୁରେଇ ରହିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ପାଲଲହଡା ନିର୍ବାଚନମଣ୍ଡଳୀରେ ବିଧାୟକ ମୁକେଶ ପାଲଙ୍କ ହାତମୁଠାକୁ ଟାଣକରି ଆଗାମୀ ନିର୍ବାଚନରେ ପାଲଲହଡାରେ ଯୋଡି ଶଙ୍ଖକୁ ବିଜେତା କରିବା ପାଇଁ ସକ୍ରିୟ ରାଜନୀତିକୁ ପୁଣିଥରେ ଆସିଛି ବୋଲି ପ୍ରକାଶ କରିଥିଲେ।

# ହିଙ୍ଗୁଳା ମନ୍ଦିର ପରିଦର୍ଶନ କଲେ ସିପିପି ଜିଏମ୍

ଅନୁଗୋଳ,୨୪।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଁଣ୍ଟରପାଳ ବ୍ଲକ ବଳରାମପ୍ରସାଦସ୍ଥିତ ମା' ହିଙ୍ଗୁଳା ମନ୍ଦିରକୁ ଯାଇ ଦର୍ଶନ କରିଛନ୍ତି ନାଲ୍‌କୋ ସିପିପି ଜିଏମ ପ୍ରଶନ୍ନ କୁମାର ସାହୁ। ତାଙ୍କ ସହ ନରେଶ କୁମାର ମିଶ୍ର ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମନ୍ଦିର ଓ ଉଭାସ୍ଥଳକୁ ଯାଇ ଆଶୀର୍ବାଦ ଲାଭ କରିଥିଲେ। ସାହୁ ମନ୍ଦିର ପରିଦର୍ଶନ କରି ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ ଓ ପୂଜାବିଧି କିପରି ଅନୁଷ୍ଠିତ ହୋଇଥାଏ ମନ୍ଦିରର ମୁଖ୍ୟ ପୂଜକ ମଦନ ଦେହୁରୀ ଓ କେତେଜଣ ଗ୍ରାମବାସୀଙ୍କ ଠାରୁ ପଚାରି ବୁଝିଥିଲେ।



# ନୂଆହତାରେ ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା



ବଁଣ୍ଟରପାଳ/ ଅନୁଗୋଳ,୨୪।୪ (ଅମିତ କୁମାର ସାମଲ)

ବଁଣ୍ଟରପାଳ ବ୍ଲକ ନୂଆହତା ଗ୍ରାମରେ ଥିବା ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯିବା ପରେ ମନ୍ଦିରକୁ ବିଜେ କରାଯାଇଥିଲା। ମୁଖ୍ୟ ପୂଜକ ମା'ଙ୍କ ଏକ ପ୍ରତିମାକୁ ଧରି ଗ୍ରାମ ପରିକ୍ରମା କରିବା ସମୟରେ ସମସ୍ତ ଭକ୍ତ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଚଳିତବର୍ଷ ଏହି ଶୋଭାଯାତ୍ରାରେ ସିଂଘ ବାଜା, ପଞ୍ଜାବୀ ବାଜା, ଘଣ୍ଟ ସହ ସ୍ଥାନୀୟ କଳାକାରମାନେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତ ସିଂହ, ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ଧୀର, ଦିଲେଶର ରାଉତ, କୁନା ରାଉତ, ସୁବାସ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ଦଳବେହେରା, ମାନସ ରଞ୍ଜନ ସିଂହ, ଶିବ ରାମ ମାଝି, ସରୋଜ ମାଝି, ବିଦ୍ୟାଧର ସାମଲ ସହଯୋଗ କରିଥିଲେ। ଏହି ମଙ୍ଗଳା ମହୋତ୍ସବରେ ନୂଆହତା ସମେତ ଆଖପାଖର ପ୍ରାୟ ୫ ହଜାର ଲୋକଙ୍କ ସମାଗମ ହୋଇଥଲା।

# ବିପୁଳ ମଦ ଜବତ, ଜଣେ ଗିରଫ

ପାଲଲହଡା,୨୪।୪ (ଦିବ୍ୟଜ୍ୟୋତି ଦାଶ)



ପାଲଲହଡା ଉପଖଣ୍ଡର ବିଭିନ୍ନ ଢାବା, ପାନ ଦୋକାନ, ଚା ଦୋକାନରେ ବେଆଇନ ମଦ ବିକ୍ରି ଚାଲିଥିବା ବେଳେ ଚଢ଼ାଉ କରିଛି ପୋଲିସ। କିଛିଦିନ ହେଲା ଲଗାତର ଢାବାଗୁଡ଼ିକରେ ଚଢାଉ କରି ଛୋଟମୋଟ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ଗତ ମଙ୍ଗଳବାର ଏକ ଚା ଦୋକାନରେ ଚଢାଉ କରି ପୋଲିସ ୬୨.୪ ଲିଟର ବିଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ପାଲଲହଡା ଥାନା ଏଏସଆଇ ଦୁଷ୍ମନ୍ତ ବାରିକ ଖବରପାଇ ସଦରମହକୁମାସ୍ଥିତ ସୁବର୍ଣ୍ଣପାଲି ଛକ ନିକଟରେ ଥିବା ଏକ ଚା ଦୋକାନରେ ଚଢାଉ କରିଥିଲେ। ଘଟଣା ସ୍ଥଳରୁ ୬୨.୪ ଲିଟର ବିଦେଶୀ ମଦ ଜବତ କରିଥିଲେ। ଦୋକାନରେ ବିକ୍ରି ପାଇଁ ଏହି ସବୁ ବିଦେଶୀ ମଦ ରଖିଥିବା ସ୍ୱୀକାର କରିଥିଲେ। ତେଣୁ ଚା ଦୋକାନୀ ସୁବର୍ଣ୍ଣପାଲିର ରାଜେନ୍ଦ୍ର ମାଝି (୨୯)ଙ୍କୁ ପୋଲିସ ଗିରଫ କରିଥିଲା।

# ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

ଖମାର,୨୪।୪ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ରୋହିଲା ପଞ୍ଚାୟତରେ ଅନ୍ୟ ଦଳର ବହୁ କର୍ମୀ ବିଧାୟକ ମୁକେଶ ପାଲଙ୍କ ଉପସ୍ଥିତିରେ ବିଜେଡ଼ି ରେ ଯୋଗ ଦେଇଛନ୍ତି। ରୋହିଲା ପଞ୍ଚାୟତର ଶିଶିର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅଞ୍ଚଳର ବିକାଶକୁ କେନ୍ଦ୍ରକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ରୋହିଲା ସରପଞ୍ଚ ଦିବ୍ୟାଲୋଚନ ନାଏକ, ପଞ୍ଚାୟତ ସଭାପତି ପ୍ରଭାକର ସାହୁ, ସମ୍ପାଦକ ଗିରିଧାରୀ ବେହେରା ପ୍ରମୁଖ ଙ୍କ ସହିତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।



# ଶଙ୍ଖମୁର ଭାଜପାର କର୍ମୀ ସମ୍ମିଳନୀ

ଖମାର,୨୪।୪ (ରଜନୀକାନ୍ତ ମହାରଣା)



ସାଧାରଣ ନିର୍ବାଚନ ପରିପେକ୍ଷୀରେ ଶଙ୍ଖମୁର ଭାଜପା ପକ୍ଷରୁ ଏକ କାର୍ଯ୍ୟକର୍ତ୍ତା ସମାବେଶ ମଣ୍ଡଳ ସଭାପତି ଗୌର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ ପରିଚାଳନା କରିଥିଲା ବେଳେ ବିଧାନସଭା ପ୍ରାର୍ଥୀ ଅଶୋକ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ୨୫ ବର୍ଷ ଧରି ଶଙ୍ଖମୁର ପଞ୍ଚାୟତରେ ପିଇବା ପାଣିର ସମସ୍ୟା, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସମସ୍ୟା, ଖମାର ସରକାରୀ ଡାକ୍ତରଖାନାରେ ଏକ୍ସ-ରେ ମେସିନର ଅବ୍ୟବସ୍ଥା, ଦମକଳ କେନ୍ଦ୍ର, ଶୀତଳ ଭଣ୍ଡାର ନାହିଁ ଭଳି ଅନେକ ସମସ୍ୟା ଉପରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିସହିତ ଏ ଅପାରଗ ସରକାରକୁ ବଦଳାଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକ ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରଞ୍ଜନ ପ୍ରଧାନ, ରାମଚନ୍ଦ୍ର କିଷାନ, କୃଷ୍ଣଚନ୍ଦ୍ର ବିଶ୍ୱାଳ, କୁସଧ୍ୱଜ ପ୍ରଧାନ, ବଟକିଶୋର ନାୟକ, ବିଜୟ ନାଏକ, ସନ୍ତୋଷ ପ୍ରଧାନ, ରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସାହୁ, ବାଇକୁଳି ବେହେରାଙ୍କ ସମେତ ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ, ପୂର୍ବତନ ସମିତି ସଭ୍ୟା ଶକୁନ୍ତଳା ସାହୁ, ଦୁଷ୍ମନ୍ତ ପ୍ରଧାନ, ଅବନୀ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, ଦେବୀପ୍ରସାଦ ପ୍ରଧାନ, ବଳରାମ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଧର୍ମେନ୍ଦ୍ର ମହନ୍ତ, ଦୀପକ ଦେହୁରୀ, ଲିପୁନ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ସୁବ୍ରତ ପ୍ରଧାନ, ଜାଜ୍ଜୁଲ୍ୟ ପ୍ରଧାନଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଲୁଟିଖିଆ, ଖଟିଖିଆଙ୍କ ମଧ୍ୟରେ ଲଢ଼େଇ ହେବ



କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରାଯାଉଛି।

ଢେଙ୍କାନାଳ,୨୪।୪(ରତନ ନାୟାର)

## କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କାର୍ଯ୍ୟକ୍ରମ ବୁଧବାର ସହରସ୍ଥିତ ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ ହୋଇଥିଲା।

କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ପକ୍ଷରୁ ନିଯୁକ୍ତ ଲୋକ ସଭା ପ୍ରଭାରୀ ବାଙ୍କନିଧି ବେହେରା କହିଲେ, ବିଜେଡି ଓ ଭାଜପା ମଧ୍ୟରେ ଗଠବନ୍ଧନ ରହିଛି। ଏମାନେ ପୁଞ୍ଜିପତିମାନଙ୍କୁ ୯୦୦ କୋଟି ଟଙ୍କା ଋଣ ଦେଇଛନ୍ତି। ତେଣୁ ପରିବର୍ତ୍ତନ ଆଣିବାକୁ ହେଲେ ଉଭୟଙ୍କୁ ହଟାଇ କଂଗ୍ରେସକୁ ସରକାରକୁ ଆଣିବାକୁ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସସ୍ମିତା ବେହେରା କହିଲେ, ଏହି ନିର୍ବାଚନରେ ଲୁଟିଖିଆ ଓ ଖଟିଖିଆଙ୍କ ମଧ୍ୟରେ ଲଢ଼େଇ ହେବ। ବିଜେଡି ଓ ଭାଜପା ନେତୃବୃନ୍ଦ ପ୍ରତ୍ୟକ୍ଷ ଭାବେ ଠିକାଦାରି କରି ଲୁଟ୍ କରି ଚାଲିଛନ୍ତି। ଖଣି, ଖାଦାନ ମାଲିକମାନଙ୍କ ଠାରୁ ମଧ୍ୟ ଲୁଟି ଚାଲିଛନ୍ତି। ଓଡ଼ିଶାରୁ ଯୁବକମାନେ ରୋଜଗାର ନ ପାଇ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ରାଜ୍ୟରେ ଚାଷୀମାନଙ୍କ ରୋଜଗାର ଅତି ନଗଣ୍ୟ। ମୋଦି ସରକାର କୃଷି ଓ କୃଷକଙ୍କ ପାଇଁ କଳା ଆଇନ ଆଣିଥିଲେ। ରାହୁଲ ଗାନ୍ଧୀ ତୀବ୍ର ପ୍ରତିବାଦ କରିବା ପରେ ଏହି ଆଇନ ପ୍ରତ୍ୟାହୃତ ହୋଇଥିଲା। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ସମୟରେ ଶିଳ୍ପଠାରୁ ଆରମ୍ଭ କରି ଶିକ୍ଷା ଆଦି କ୍ଷେତ୍ରରେ ଯେଉଁଭଳି ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା, ସେହିଭଳି କାର୍ଯ୍ୟ ଆଉ ହୋଇପାରିନାହିଁ। ପ୍ରଦୂଷଣ ଅତି ମାତ୍ରାରେ ବଢୁଥିବାରୁ ଢେଙ୍କାନାଳ ଓ ଅନୁଗୋଳ ଜିଲାବାସୀ ଧୂଳି ଧୂଆଁରେ ଅତିଷ୍ଠ। ଚାଷ ପାଇଁ ଚାଷୀଙ୍କୁ ବ୍ରାହ୍ମଣୀ ନଦୀରୁ ପାଣି ମିଳୁନି। କିନ୍ତୁ କଳକାରଖାନାମାନେ ପାଣି ଶୋଷି ଚାଲିଛନ୍ତି। ବିଭାଜନ ଓ ଘୃଣାର ରାଜନୀତି ଭାଜପା କରୁଛି। ଇଡି, ସିବିଆଇ ଓ ଇନକମ୍ ଟ୍ୟାକ୍ସ ବିଭାଗକୁ ଅସ୍ତ୍ର କରି ବିରୋଧୀ ଦଳର କଣ୍ଠରୋଧ କରାଯାଉଛି। ତେଣୁ ଏହି ନିର୍ବାଚନରେ କଂଗ୍ରେସ ଦଳକୁ ଜିତାଇ ପରିବର୍ତ୍ତନ ଆଣିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର କାମାକ୍ଷାନଗର ବିଧାନସଭା ପ୍ରାର୍ଥୀ ବିପ୍ରବର ସାହୁ, ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ସୁସ୍ମିତା ସିଂହଦେଓ, ପରଜଙ୍ଗ ବିଧାନସଭା ପ୍ରାର୍ଥୀ ରଣଜିତ ସାହୁ, ହିନ୍ଦୋଳ ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ନାୟକଙ୍କ ସମେତ ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ବରିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଉପସଭାପତି ବେଣୁଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଢେଙ୍କାନାଳର ପାଲା ସଂସ୍କୃତି ଅନନ୍ୟ

ଢେଙ୍କାନାଳ,୨୪।୪(ରତନ ନାୟାର)

## ଜିଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଘାଟିତ

ଢେଙ୍କାନାଳ ସଦର ବ୍ଲକ ତରଭା ଗ୍ରାମ ପଞ୍ଚାୟତର ତରଭା ପାଟଣାସାହିଠାରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା ପାଲା ଗାୟକ ସଂଘର ୪୨ତମ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି ତଥା ବରିଷ୍ଠ ପାଲା ଗାୟକ ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଆମ ଭାଷା, ସାହିତ୍ୟ, ସ୍ମୃତି, ପରମ୍ପରା ଓ ଇତିହାସ ଆଦିର ସମାହାର ହେଉଛି ପାଲା, ଯାହାକି ସାମାଜିକ ଜାଗରଣ ସୃଷ୍ଟି କରୁଛି। ଢେଙ୍କାନାଳର ପାଲା ସଂସ୍କୃତି ସମଗ୍ର ରାଜ୍ୟରେ ଅନନ୍ୟ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ଶତ୍ରୁଘ୍ନ ମାଟି ଓ ଅବସରପ୍ରାପ୍ତ ଅଧ୍ୟାପକ କ୍ଷୀରୋଦ ନାୟକ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ପାଲା ଗାୟକ ତଥା ଅନୁଷ୍ଠାନର ସମ୍ପାଦକ ଦୁର୍ଗାଚରଣ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନ ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ଅଶୋକ କୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।



ଜିଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଘାଟନ ଦିବସରେ ମଞ୍ଚାସୀନ ଅତିଥିମାନେ।

# ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠା ଟାଣ କରିବାକୁ ଆହ୍ୱାନ

ପରଜଙ୍ଗ,୨୪।୪(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବସୁଲେଇଠାରେ ପରଜଙ୍ଗ ବ୍ଲକ ଜୋନ ୧ର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରଜଙ୍ଗ ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁ ଓ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତର ଭାଜପା କର୍ମୀ ନବକିଶୋର ପ୍ରଧାନ, ଅକ୍ଷୟ ଭୂଟିଆ, ଜାପାନୀ ନାଏକ, ପ୍ରସନ୍ନ ବେହେରା, ପ୍ରମୋଦ ସାହୁ, ଅବନୀ ସାହୁ, ନରହରି ସାହୁ, ପର୍ଶୁରାମ ବେହେରାଙ୍କ ସମେତ କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତର ଡି. ଜେନା, ଅର୍ଜୁନ ନାଏକ, ଭଗବାନ ନାଏକ, କାଳିଆ ମହାରଣା, କମଳଲୋଚନ ବେହେରାଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ପ୍ରାର୍ଥୀ ନୃସିଂହ ସାହୁ ଓ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ସମସ୍ତ ନୂତନ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



# ବିପର୍ଯ୍ୟୟ ପରିଚାଳନା ଦକ୍ଷତା କର୍ମଶାଳା

କାମାକ୍ଷାନଗର,୨୪।୪(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ବିରାଶାଳ ପଞ୍ଚାୟତର ରହଣୀସ୍ଥିତ ସଂସ୍କାର ପବ୍ଲିକ ସ୍କୁଲରେ ବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ ଚାଟାର୍ଜୀଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଏନ୍‌ଡିଆରଏଫର ସବ୍‌ଇନ୍ସପେକ୍ଟର/ଏକଜ୍ୟୁକିଟିଭ ପଙ୍କଜ କୁମାର ଖୁଲବେ, କନ୍‌ଷ୍ଟେବଲ ଏମ. ଡି ଅରଫାତ (ବାହାନଗା ରେଳ ଦୁର୍ଘଟଣାର ଉଦ୍ଧାରକାରୀ ଯବାନ), କନ୍‌ଷ୍ଟେବଲ ଏଚ. ବି ରାଓ (ଅପରେସନ ରାହୁଲର ଉଦ୍ଧାରକାରୀ ଯବାନ) ଏବଂ କନ୍‌ଷ୍ଟେବଲ ଏମ. କେ. ଯାଦବ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ସେ ନେଇ ତାଲିମ ପ୍ରଦାନ କରିଥିଲେ। ଏହି ସଦସ୍ୟଙ୍କ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା, କୌଶଳ ପାଇଁ ବିଦ୍ୟାଳୟର ଟ୍ରଷ୍ଟି ପ୍ରସନ୍ନ କୁମାର ସାହୁ କୃତଜ୍ଞତା ପ୍ରଦାନ କରିଛନ୍ତି।




# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଓଡ଼ାପଡ଼ା,୨୪।୪ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଳପୁରରେ ବୁଧବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଷଷ୍ଠ ପର୍ଯ୍ୟାୟରେ ଦ୍ୱିତୀୟ ସୋପାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡାପଡା ସଂକୁଳର ପୂର୍ବତନ ସଂକୁଳ ପ୍ରମୁଖ ଘନଶ୍ୟାମ ସାମଲ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ସାନନ୍ଦ ନାଏକ, ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖଜୁରିଆକଟାର ବରିଷ୍ଠ ଆଚାର୍ଯ୍ୟା କୀର୍ତ୍ତିମୟୀ ଦାଶ ଯୋଗଦେଇ ଅଭିଭାବକମାନଙ୍କୁ ଭାଷା ଶିକ୍ଷା (ଭାଷା ଶିକ୍ଷା କ'ଣ, କାହିଁକି ଓ କିପରି) ଆଜି ସର୍ବସାଧାରଣ ଶିଶୁମାନଙ୍କ ଭାଷା ଶିକ୍ଷାର ସ୍ଥିତି? ବର୍ତ୍ତମାନ ସ୍ଥିତିରେ ମାତାପିତାଙ୍କ ଭୂମିକା ବିଷୟରେ ଅଭିଭାବକଙ୍କୁ ଅବଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଦେଇଥିଲେ। ପରିଚାଳନା ସମିତି ସଦସ୍ୟା ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଦେଇଥିଲେ। ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ।



# ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର



ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର।

ଢେଙ୍କାନାଳ,୨୪।୪(ରତନ ନାୟାର)

ଢେଙ୍କାନାଳ ସହର ପୂର୍ତ୍ତବିଭାଗ କଲୋନୀ ଠାରେ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ଆରାଧନା ମହୋତ୍ସବ ଅବସରରେ ବୁଧବାର ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମିତି ଆବାହକ ବିଶ୍ୱଜିତ୍ ନାୟକ, ସେବାଦଳ ସଂଯୋଜକ ସୁବ୍ରତ କୁମାର ପ୍ରଧାନ ଓ ଯୁବ ସଂଯୋଜକ ପ୍ରଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ସେବାଦଳର ପ୍ରେମାନନ୍ଦ ସାହୁ, ଅଭୟ କୁମାର ରାଉତ, ଶତ୍ରୁଘ୍ନ ମାଟି, ସଞ୍ଜୟ ପ୍ରସାଦ, ମାୟାଧର ସେଠୀ, ବ୍ରଜବନ୍ଧୁ ଚିନରା, ବିରଞ୍ଚି ନାରାୟଣ ନାଥ ଓ ପ୍ରଭାତୀ ଶରଣ, ସ୍ୱର୍ଣ୍ଣଲତା ମାଟି, ସନ୍ଧ୍ୟାରାଣୀ ମିଶ୍ର, ସୁଚିତ୍ରା ବେହେରା, କାମିନୀ ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାରର ଡା. ପ୍ରମୋଦ କୁମାର ମହାଲିକ, ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ତପନ କୁମାର ଜେନା, ନଳିନୀପ୍ରଭା ରାଉତ ପ୍ରମୁଖ ରକ୍ତ ସଂଗ୍ରହ କରି ଶିବିର ପରିଚାଳନା କରିଥିଲେ। ରକ୍ତଦାତାମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ଜଳିଗଲା ୧୨ ବଖରା

କାମାକ୍ଷାନଗର,୨୪।୪(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ହରିଜନ ସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ୧୨ ବଖରା ଜଳିଯାଇଛି। ବିଦ୍ୟୁତ୍ ଶଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୂଚନା ଅନୁସାରେ, ଗ୍ରାମର ହରି ନାଏକଙ୍କ ଘରୁ ପ୍ରଥମେ ନିଆଁ ଲାଗିଥିଲା। କିନ୍ତୁ ହରି ନାଏକଙ୍କ ପରିବାର ଲୋକ ଘରେ ନ ଥିବାରୁ ନିଆଁର ପ୍ରକୋପ ବୃଦ୍ଧିପାଇ ପାଖରେ ଥିବା ହଟିଆ ନାଏକଙ୍କ ୨ବଖରା, ବିଜୟ ନାଏକ ୩ ବଖରା, ବୁନୁ ନାଏକ ୩ବଖରା, ସାନନ୍ଦ ପ୍ରଧାନଙ୍କ ୩ ବଖରା, ରାଜୁ ନାଏକଙ୍କ ୧ ବଖରା ଘର ପୋଡି ପାଉଁଶ ହେଇଯାଇଥିଲା। ତୁରନ୍ତ ଅଗ୍ନିବିପନ୍ନମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



# ବିଶାଳ ଶ୍ରମିକ ସମାବେଶ

କାମାକ୍ଷାନଗର,୨୪।୪(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କଂଗେଇଲୋ ରାମିଆଳ ନଦୀ କୂଳ ଆମ୍ବତୋଟାରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲାପରିଷଦ ସଦସ୍ୟା ଦୀପ୍ତିମୟୀ ବିଶ୍ୱାଳ ଯୋଗ ଦେଇଥିଲେ। ଓଡିଶା ନିର୍ମାଣ ମଜଦୁର୍ ସଭା ଜିଲା ସଂଯୋଜକ ବାସୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା' ବିରଜା ନିର୍ମାଣ ଶ୍ରମିକ ସଂଘ ସଂଯୋଜକ ଯୁଧିଷ୍ଠିର ସାମଲ, ଜଳେଶ୍ୱର ନିର୍ମାଣ ଶ୍ରମିକ ସଂଘ ସଂଯୋଜକ ଗୁରୁବାରୀ ମହାରଣା, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସଂଘ ସଂଯୋଜକ ଦୂକର୍ଣ୍ଣ ସାହୁ ପରିଚାଳନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜିତିବା ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ନିର୍ବାଚନରେ ବିଜୟ ଲାଭ କଲେ ନିର୍ମାଣ ଶ୍ରମିକଙ୍କ ଦ୍ୱାରା କରାଯାଇଥିବା ଉଚିତ ଦାବିଗୁଡିକୁ ପୂରଣ କରିବା ପାଇଁ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଓଡିଶା ନିର୍ମାଣ ମଜଦୁର୍ ସଭା ଜିଲା ସହ-ସଂଯୋଜକ ଅମ୍‌ଜାଦ୍ ଖାନ୍ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବୁଲି ଲେଙ୍କା, ବିଜୟ ସାହୁ, ପବିତ୍ର ବରାଳ, ଅଭିମନ୍ୟୁ ବେହେରା, ମାୟାଧର ସାହୁ, ଦାଶରଥି ମଲ୍ଲିକ, ହେମନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୪ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇଥିଲେ।




# ହିନ୍ଦୋଳରେ ବିଜେଡିର ବାଇକ୍ ଶୋଭାଯାତ୍ରା

ଢେଙ୍କାନାଳ,୨୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ବୁଧବାର ନିର୍ବାଚନ ପ୍ରଚାର ଜୋର୍ ଧରିଛି। କୁନୁଆ ଛକଠାରୁ ମା' ସୁକିଆ ବାଉତୀ ମନ୍ଦିରରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ, ବିଧାୟକ ପ୍ରାର୍ଥୀ ମହେଶ ସାହୁଙ୍କ ସମେତ ଢେଙ୍କାନାଳ ବିଧାନସଭା ବିଜେଡି ପ୍ରାର୍ଥୀ ବିଧାୟକ ସୁଧୀର କୁମାର ସାମଲ ପ୍ରମୁଖ ପୂଜାର୍ଚ୍ଚନା କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ।



ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରଚାର କାର୍ଯ୍ୟକ୍ରମ।

ଏହି ଅବସରରେ ଉଦ୍‌ବୋଧନ ଦେଇ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ କହିଲେ, ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ତାଙ୍କର ଜନ୍ମଭୂମି ଓ କର୍ମଭୂମି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ନିର୍ବାଚନମଣ୍ଡଳୀରେ ପ୍ରଗତିର ଧାରା ବଜାୟ ରହିଛି। ଆଜି ଶିଳ୍ପ ବହୁଳ ଅଞ୍ଚଳ ଭାବେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପରିଚିତ। କେହି ଯେପରି ବେରୋଜଗାର ହେବନି, ମୁଖ୍ୟମନ୍ତ୍ରୀଙ୍କ ଏହା ଲକ୍ଷ୍ୟ ରହିଛି। ୨୫ବର୍ଷ ହେଲା ଚାଲି ଆସୁଥିବା ପ୍ରଗତି ଧାରାକୁ ଆଗାମୀ ଦିନରେ ବଜାୟ ରଖିବା ପାଇଁ ଉଦ୍ୟମ କରାଯିବ। ୧୦ ବର୍ଷର କାର୍ଯ୍ୟକୁ ୫ବର୍ଷରେ କରାଯିବ। ହିନ୍ଦୋଳ ନିର୍ବାଚନମଣ୍ଡଳୀର ଜନସାଧାରଣ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମର୍ଥନ ଦେଇ ଆସୁଛନ୍ତି। ଏଥର ନିର୍ବାଚନରେ ମଧ୍ୟ ହିନ୍ଦୋଳ ନିର୍ବାଚନମଣ୍ଡଳୀ ରେକର୍ଡ କରିବ। ବିଧାୟକ ପ୍ରାର୍ଥୀ ମହେଶ ସାହୁ କହିଲେ, ବିଜୁ ଜନତା ଦଳ ଏକ ବିରାଟ ସମୁଦ୍ର। କିଏ ଆସିବ, କିଏ ନ ଆସିବ ଏଥିରେ କିଛି ମତଲବ ନାହିଁ। ସେଥିରେ ଦଳ ଉପରେ କିଛି ପ୍ରଭାବ ପଡିବ ନାହିଁ। ଆମର କେହି ପ୍ରତିଦ୍ୱନ୍ଦ୍ୱି ନାହାନ୍ତି। ଆମେ ସମସ୍ତଙ୍କୁ ନେଇ କାମ କରିବୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୃଦୟସ୍ପର୍ଶୀ କାମକୁ ଲିଭାଇବା ପାଇଁ କାହାର ଯୋଗ୍ୟତା ନାହିଁ। ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ବିଧାୟକ ସୁଧୀର କୁମାର ସାମଲ କହିଲେ, ମୁଖ୍ୟମନ୍ତ୍ରୀ ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ୧୦ବର୍ଷ ହେବ ଯେଉଁମାନେ ବିଜେଡିରେ କ୍ଷମତାଭୋଗ କରିଛନ୍ତି ଏବଂ ନିଜ ସ୍ୱାର୍ଥ ପାଇଁ ଦଳକୁ ଛାଡି ଚାଲିଯାଇଛନ୍ତି, ତାଙ୍କ ସହିତ କର୍ମୀ ନାହାନ୍ତି କି ଲୋକ ନାହାନ୍ତି। କର୍ମୀମାନେ ସବୁବେଳେ ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଅଛନ୍ତି। ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକବାସୀ ବିଗତ ନିର୍ବାଚନ ଭଳି ଏଥର ମଧ୍ୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ବିଜୟ ଧଳ, ନରେନ୍ଦ୍ର ସାହୁ, ଅଖିଳ ମହାପାତ୍ର, ମାତୃ ପ୍ରସାଦ ମିଶ୍ର, ପ୍ରିୟରଞ୍ଜନ ମାହୁନ୍ତ, ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷ କେଶବଚନ୍ଦ୍ର ପଧାନ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ସମେତ ଜିଲା ପରିଷଦ ସଦସ୍ୟା ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଏବଂ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ମା' ସୁକିଆ ବାଉତୀ ମନ୍ଦିରରୁ ବାହାରି ରାସୋଳ ଓ ହିନ୍ଦୋଳ ଏନ୍‌ଏସି ପରିକ୍ରମା କରି ବମ୍ପା ଗ୍ରାମାଠାରେ ପହଞ୍ଚିଥିଲା। ପ୍ରାରମ୍ଭରେ ବିଧାୟକ ପ୍ରାର୍ଥୀ ମହେଶ ସାହୁ ନିଜ ସମର୍ଥକଙ୍କ ସହ ଢେଙ୍କାନାଳ ବଳରାମ ମନ୍ଦିର ଓ ଛଦେଶ ଅଞ୍ଚଳରେ ଥିବା ପଶ୍ଚିମେଶ୍ୱର ମନ୍ଦିରରେ ଦର୍ଶନ କରି ସିମିଳିପାଟଣା ଛକଠାରୁ ବାଇକ୍ ଶୋଭାଯାତ୍ରାରେ ଆସି ସୁକିଆ ବାଉତୀ ମନ୍ଦିରଠାରେ ପହଞ୍ଚିଥିଲେ।

# ପାଣି ପାଇଁ ଖମାର ଗ୍ରାମବାସୀ ତହଲବିକଳ

**ବଇଣ୍ଡା,୨୪।୪(ପରିକ୍ଷିତ ସାହୁ)**



ସାରା ରାଜ୍ୟରେ ଲାଗିରହିଛି ଗ୍ରୀଷ୍ମ ପ୍ରବାହ। ଅଧିକାଂଶ ସମୟରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଥିବାବେଳେ ଏବେ ଅନେକ ଅଞ୍ଚଳରେ ପାଣି ସମସ୍ୟା ଦେଖିବାକୁ ମିଳିଛି। ଆଠମଲିକ ବ୍ଲକ ସାପଘରା ପଞ୍ଚାୟତ ଖମାର ଗ୍ରାମରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ଆକାର ଧାରଣ କରିଛି। ଫଳରେ ଗ୍ରାମବାସୀ ପିଇବା ପାଣିକୁ ନେଇ ବଡ଼ ତହଲବିକଳ ହେଉଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମରେ ୭୦ ପରିବାରର ୪ ଶହ ଲୋକଙ୍କ ପାଇଁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଆବଶ୍ୟକ ପାଣି ମିଳୁ ନ ଥିବା ଯୋଗୁ ଗ୍ରାମର ମହିଳା ମାନେ ୧ କିମି ଦୂରରୁ ପାଣି ଆଣୁଛନ୍ତି। ପଞ୍ଚାୟତର ୩ ନମ୍ବର ୱାର୍ଡରେ ଏହି ଗ୍ରାମ ଥିବା ବେଳେ ପାଣି ପାଇଁ ୩ଟି ନଳକୂଅ ଓ ଗୋଟିଏ ଖୋଲା କୂଅ ରହିଛି। ସେଥିମଧ୍ୟରୁ ୨ ଟି ଅଚଳ ଥିବାବେଳେ ଗୋଟିଏ ନଳକୂଅରୁ ଜଳସ୍ତର କମିଯିବା ଯୋଗୁ ପାଣି ବାହାରୁ ନାହିଁ। ଏକ ଘଣ୍ଟା ମାରିଲେ ଗୋଟିଏ ଗରା ପାଣି ବାହାରୁଛି। ସେହିପରି ଖୋଲା କୂଅରୁ ମଧ୍ୟ ପାଣି ଶୁଖିଯାଇଥିବା ଯୋଗୁ ପାଣି ମିଳୁନାହିଁ। ସରକାରଙ୍କ ପକ୍ଷରୁ ୨୦୧୫ ମସିହାରେ ସୋଲାର ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ ୧ ବର୍ଷ ହେବ ଅଚଳ ହୋଇପଡିଥିଲେ ହେଁ ମରାମତି କରାଯାଉ ନ ଥିବା ଯୋଗୁ ପାଣି ଯୋଗାଣ ବନ୍ଦ ରହିଛି। ଜାନୁଆରୀ ମାସରୁ ଜଳସଙ୍କଟ ଦେଖାଯାଇଥିବାବେଳେ ୩ ମାସ ହେବ ୧ କିମି ଦୂରରେ ଏକ ଖୋଲାକୂଅରୁ ପ୍ରତ୍ୟେକ ଦିନ ପାଣି ଆଣି ବ୍ୟବହାର କରୁଛନ୍ତି। ଗ୍ରାମ ନିକଟରେ ଥିବା ପୋଖରୀ ଶୁଖି ଗଲାଣି। ଗ୍ରାମର ଯୁବକମାନେ ୨ କି.ମି ଦୂରରେ ଥିବା ଏକ ନାଳକୁ ଶୌଚ କରିବା ପାଇଁ ଯାଉଛନ୍ତି। ଗ୍ରାମରେ ଥିବା ଗୋରୁମାନେ ମଧ୍ୟ ପାଣି ପିଇବା ପାଇଁ ବହୁ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅଞ୍ଚଳବାସୀ ତା ୨ ନଭେମ୍ବର ୨୦୨୧ ଓ ୧୪ ମାର୍ଚ୍ଚ ୨୦୨୩ରେ ବ୍ଲକ ପ୍ରଶାସନ ଓ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଏହି ଗ୍ରାମ ଥିବା ଯୋଗୁ ପାଣି ଠିକ୍ ଭାବେ ମିଳୁ ନାହିଁ ଓ ଅଚଳ ପ୍ରକଳ୍ପ ଗୁଡିକ ମରାମତି କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏକ ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ଗ୍ରାମର ମହିଳାମାନେ ଦାବି କରିଛନ୍ତି। ଏ ନେଇ ଆଠମଲିକ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ଉମାକାନ୍ତ ବେହେରା କୁହନ୍ତି, ଖମାର ଗ୍ରାମରେ ଅଚଳ ଥିବା ନଳକୂଅକୁ ସଚଳ କରିବା ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ।

## ବସନ୍ତ ରାସ ଉତ୍ସବରେ କଂସମୁଣ୍ଡା ଚଳଚଞ୍ଚଳ

**କଣିହାଁ,୨୪।୪(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ବସନ୍ତ ରାସ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ମଙ୍ଗଳବାର ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଗୋପାଳଜୀଙ୍କ ପୂଜାବିଧି କର୍ମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡିଆ ମଣ୍ଡପକୁ ଅଣାଯାଇଥିଲା। ବହୁ ସଂଖ୍ୟାରେ ଜନ ସମାଗମକୁ ନେଇ କଂସମୁଣ୍ଡା ଗ୍ରାମ ଲୋକାରଣ୍ୟ ହୋଇଥିଲା। ରାତିରେ ମନୋରଞ୍ଜନ ପାଇଁ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ବହୁ ମାନ୍ୟଗଣ ନିମନ୍ତ୍ରିତ ଜନ ପ୍ରତିନିଧିଙ୍କ ସହିତ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଅଂଶଗ୍ରହଣ କରି ଶୁଭେଚ୍ଛା ଜଣାଇଥିଲେ। ବୁଧବାର ପୂର୍ବାହ୍ନରେ ନାମ ସଂକୀର୍ତ୍ତନକୁ ନେଇ ପଡିଶା ଅଞ୍ଚଳର ୧୨ ରୁ ଅଧିକ ଓଡିଶୀ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ବହୁ ଉଠା ଦୋକାନୀ ବ୍ୟବସାୟ ପାଇଁ ପସରା ମେଲାଇ ଥିବାବେଳେ କିଣା ବିକା କାରବାରରେ ଭିଡ ଜମିଥିଲା। ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ପୋଲିସ ଫୋର୍ସ ନିୟୋଜିତ ସହିତ ଗ୍ରାମବାସୀଙ୍କ ତରଫରୁ ସହଯୋଗ କରାଯାଇଥିଲା। ଗୁରୁବାର ରାତ୍ରିରେ ଉତ୍ସବ ସମାପନ ସହିତ ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ ରହିଛି।

## ସାଙ୍ଗଠନିକ ସଭା, ମିଶ୍ରଣ ପର୍ବ

**କଣିହାଁ,୨୪।୪(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତର ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ୧୦ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଶ୍ମିତା ବେହେରା, ଜିଲା ସମ୍ପାଦକ ଝସକେତନ ପ୍ରଧାନ, ସମ୍ପାଦକ ହିମାଞ୍ଚଳ ପଣ୍ଡା, ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ଯୁବସଭାପତି ଗଗନ ରାଉତ, ଶୁଶୁବା ପଞ୍ଚାୟତ ସଭାପତି କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଶୁଶୁବା ପଞ୍ଚାୟତ ବିଜେଡି ତରଫରୁ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବା ପାଇଁ ସମସ୍ତ ସଦସ୍ୟ ଓ ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା ଓ କଂଗ୍ରେସ ଦଳ ଛାଡି ଶତାଧିକ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଶୁଶୁବା ସରପଞ୍ଚ ମାମାଲି ସାମଲ, ଶିଶିର ସାମଲଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।



# କ୍ରଶର ବନ୍ଦ କରିବାକୁ ତହସିଲଦାରଙ୍କୁ ଦାବିପତ୍ର



**ଓଡ଼ାପଡ଼ା,୨୪।୪(ରଞ୍ଜିତ ନାୟକ)**

ଓଡ଼ାପଡ଼ା ତହସିଲ ବଳରାମପ୍ରସାଦ ପଞ୍ଚାୟତ ନାଣ୍ଡିପୁଲିଆ ହରିଜନ ବସ୍ତିବାସିନ୍ଦାମାନେ ଦୀର୍ଘ ବର୍ଷ ଧରି କ୍ରଶର ଧୂଳି ଧୂଆଁରେ ଅଣନିଃଶ୍ୱାସୀ ହୋଇ ଆସୁଛନ୍ତି। ଏ ନେଇ ବହୁବାର ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବୁଧବାର ବସ୍ତିର ଶତାଧିକ ବାସିନ୍ଦା କ୍ରଶର ବନ୍ଦ କରିବା ପାଇଁ ତହସିଲଦାର ମହେଶ୍ୱର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ବସ୍ତି କଡ଼ରେ ପଥର ଖଣି ସହିତ କ୍ରଶର ବସିଛି। ଫଳରେ ଧୂଳି ଧୂଆଁ ଯୋଗୁ ବସ୍ତିର ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ ପାଠ ପଢିବାରେ ଅସୁବିଧା ହେଉଛି। ସେହିପରି ବିସ୍ଫୋରକ ବ୍ୟବହାର ଯୋଗୁ କାନ୍ଥ ଫାଟି ଆଁ କରି ଭାଙ୍ଗିରୁଜି ଯାଇଛି। ଏ ସମ୍ପର୍କରେ ଗତ ୨୦୦୭ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷ ଧରି ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ବସ୍ତିବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏହାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ହେମନ୍ତ ପଧାନ, ଜତନୀ ନାଏକ, ପୁପୁ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ମହେଶ୍ୱର ବେହେରା କହିଛନ୍ତି, ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ।

# ଭାଜପାର ବିଜୟ ସଂକଳ୍ପ ସମାବେଶ

**କଣିହାଁ,୨୪।୪(ସଚ୍ଚିଦାନନ୍ଦ ପ୍ରଧାନ)**

ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ହରିହାରପୁର, ସମଲ, କୁଲେଇ ଶକ୍ତିକେନ୍ଦ୍ର ଭାଜପା ପକ୍ଷରୁ ଏକ କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ଉପସଭାପତି ନୃସିଂହ ବରାଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ବେହେରା, ପ୍ରଦୀପ ଶତପଥୀ, ଗିରିଶ ନନ୍ଦ, ପ୍ରତାପ ଶତପଥୀ, ଆଲୋକ ବେହେରା, ବିଶ୍ୱଜିତ୍ ବେହେରା, ପୀତାମ୍ବର ପ୍ରଧାନ, କ୍ଷୀରୋଦ ସାହୁ, ବିକାଶ ନାଏକ, କରୁଣା ନାଏକଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ ସ୍ୱରାଜ, ତ୍ରିପୁରାରୀ ପ୍ରଧାନ, ଗଣେଶ୍ୱର ମାଝି, ବସନ୍ତମଞ୍ଜରୀ ପ୍ରଧାନ, ବିଜୟ ପ୍ରଧାନ, ବୁଧଦେବ ପ୍ରଧାନ, ଦୟାନିଧି ସାହୁ, ଅବନୀ ବେହେରା, ପ୍ରଭାକର ସାମଲ, ଅନିଲ ନନ୍ଦ, ହରେକୃଷ୍ଣ ପ୍ରଧାନ, ଅନିଲ ଭୁକ୍ତା, ସନ୍ତୋଷ ଖିଲାର, ସିଲୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ରାଜଯକ୍ଷ୍ମାରେ ପୀଡ଼ିତ ଖବରଦାତାଙ୍କୁ ସହାୟତା

**କାମାକ୍ଷାନଗର,୨୪।୪(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ତରଫରୁ ରୋଗଶଯ୍ୟାରେ ପୀଡିତ ଗଡ଼ପଳାଶୁଣି ଗ୍ରାମର ଖବରଦାତା ଅଶୋକ କୁମାର ସେଠଙ୍କୁ ସହାୟତା ପ୍ରଦାନ କରାଯାଇଛି। କିଡନୀ ସଂକ୍ରମଣ ସହିତ ରାଜଯକ୍ଷ୍ମାରେ ପୀଡ଼ିତ ହୋଇ ଏବେ ଶଯ୍ୟାଶାୟୀ ଅଛନ୍ତି। କେବଳ ତାଙ୍କ ମା'ଙ୍କ ଛାଡ ଆଉ କେହି ନାହାନ୍ତି। ଖବରପାଇ ସାମ୍ବାଦିକ ସଂଘ କଙ୍କଡ଼ାହାଡ଼ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ବିଭୁତିଭୂଷଣ ଦେହୁରୀ, ସମ୍ପାଦକ ପୃଥୀରାଜ ସାହୁ, କର୍ମକର୍ତ୍ତା ପ୍ରସନ୍ନ କୁମାର ପରିଡା, ସତ୍ୟବ୍ରତ ଦାସ, ପବିତ୍ରମୋହନ ବରାଳ, ମନମୋହନ ସାହୁ ପ୍ରମୁଖ କିଛି ଶୁଖିଲା ଖାଦ୍ୟ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟ କୌଣସି ସଙ୍ଗଠନ କିମ୍ବା ବ୍ୟକ୍ତି ବିଶେଷ ସହଯୋଗର ହାତ ବଢାଇଲେ ଅଶାକ ସୁସ୍ଥ ହୋଇ ସମାଜ ପାଇଁ କାମ କରିପାରିବେ ବୋଲି ସାମ୍ବାଦିକ ସଂଘ ତରଫରୁ ଅନୁରୋଧ କରାଯାଇଛି।



## ଭୋଟ ଦେବାକୁ ଅଭିଭାବକଙ୍କୁ ଛାତ୍ରୀଙ୍କ ଚିଠି




**ଅନୁଗୋଳ,୨୪।୪ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଭିଭାବକମାନଙ୍କୁ ଚିଠି ଲେଖି ଭୋଟଦାନ ପାଇଁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ନିର୍ବାଚନରେ ଅଧିକରୁ ଅଧିକ ମତଦାନ କରିବା ପାଇଁ ଛାତ୍ରୀମାନେ ନିଜ ନିଜ ଅଭିଭାବକମାନଙ୍କୁ ଚିଠି ଲେଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟ ଦେବା ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହୋଇଥିବାରୁ ନିଜ ପରିବାରରୁ ଯେପରି ଆଗାମୀ ନିର୍ବାଚନରେ କେହି ଭୋଟଦାନରୁ ବଞ୍ଚିତ ନ ହୁଅନ୍ତି ସେଥିଲାଗି ସଚେତନତା ମୂଳକ ପତ୍ର ଲେଖିଛନ୍ତି। ଏଥିସହିତ ପାଖ ପଡ଼ୋଶୀ ଯେପରି ଏହି ମହାନ ପର୍ବରେ ସାମିଲ ହୋଇପାରିବେ ସେଥିଲାଗି ମଧ୍ୟ ଅନୁରୋଧ କରିଛନ୍ତି। ପ୍ରତିଷ୍ଠାନ ତରଫରୁ ସମସ୍ତ ଛାତ୍ରୀଙ୍କୁ ଲଫାପା ଓ ଡାକ ଟିକେଟ ଯୋଗାଇ ଦିଆଯାଇଥିଲା। ଫଳରେ ସମସ୍ତ ଛାତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ବାହାରି ଜିଲା ମୁଖ୍ୟ ଡାକ ବାକ୍ସ ଯାଏ ଯାଇ ଚିଠି ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ତୁରୁଡ଼ାରେ ବିଜେଡିର ମିଶ୍ରଣ ପର୍ବ

**ବଇଣ୍ଡା,୨୪।୪(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ତୁରୁଡା ଗ୍ରାମରେ ବୁଧବାର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ସମସ୍ତ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିରେ ଠାକୁରଗଡ ପଞ୍ଚାୟତର ମନୋରଂଜନ ବେହେରା, ପଞ୍ଚାନନ ପ୍ରଧାନ, ଛବିଳ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ବନ୍ଧୁଆ ନାୟକ, ରଞ୍ଜନ ନାୟକ, ମେନେକା ଭୋଇ, ଅମୃତୀ ନାୟକଙ୍କ ସମେତ କଣ୍ଟେଇକୋଳିଆ ପଞ୍ଚାୟତର ୧୫ ଜଣ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ନେଇ ସେମାନେ ସାମିଲ ହୋଇଥିବା ମତ ପ୍ରକାଶ କରିଛନ୍ତି। ଏଥିରେ ବିଜେଡି ନେତାମାନେ ଉପସ୍ଥିତ ଥିଲେ।



# ଭାଜପାରେ ଭକ୍ତିପ୍ରସାଦ, ମହେଶ



**ଅନୁଗୋଳ,୨୪।୪(ଅମିତ ସାମଲ)**

ବିଜେଡି ଛାଡ଼ିଥିବା ଅନୁଗୋଳ ଜିଲାର ବରିଷ୍ଠ ନେତା ଭକ୍ତିପ୍ରସାଦ ଦାସ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ତାଙ୍କ ସହ ବିଜେଡିରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତ୍ରୀ ମୀରା ଗଡ଼ନାୟକ, ରାଜ୍ୟ ଯୁବ ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ଡିଜିଟାଲ ସମ୍ପାଦକ ପ୍ରଶାନ୍ତ କୁମାର ଦେହୁରୀ, ବିଜେଡି ଜିଲା ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର, ବଉଳିଗଡ ସରପଞ୍ଚ ଅମରେନ୍ଦ୍ର ଗଡନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଅନୁଗୋଳ ରାଣୀଗୋଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ରାତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ନେତାମାନେ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଗତ ୧୭ ତାରିଖରେ ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିରେ ଯୋଗଦେଇଥିବା ଆଦର୍ଶ ଗ୍ରୁପର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ମଧ୍ୟ ପଦ୍ମ ଧରିଛନ୍ତି। ଏହି ନେତାମାନେ ଗତ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଢେଙ୍କାନାଳ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାନସଭା ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଭାଜପାର ବରିଷ୍ଠ ନେତା ଦିଲୀପ ପ୍ରଧାନ, ଭାଜପା ଯୁବ ସଭାପତି ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କଣିହାଁ ଖଣି ଜିଏମ୍ ଅଫିସ୍ ସମ୍ମୁଖରେ ଧାରଣା

**କଣିହାଁ,୨୪।୪(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କିଶୋର କୁମାର ରାଉଳଙ୍କ ଅଫିସ୍ ସମ୍ମୁଖରେ କଣିହାଁ ବିଏମ୍ଏସ୍ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀରେ ଖଣି କର୍ତ୍ତୃପକ୍ଷଙ୍କ ନୀରବତାର ପ୍ରତିବାଦ କରି ଏହି ଆନ୍ଦୋଳନ କରାଯାଇଥିଲା। ସଂଘ ସଭାପତି ଅଭୟ କୁମାର ସାହୁଙ୍କ ନେତୃତ୍ୱରେ ଖଣି କର୍ମଚାରୀ ସାମିଲ୍ ହୋଇଥିଲେ। ଗ୍ରୀଷ୍ମଦିନେ ଅସହ୍ୟ ତାପମାତ୍ରା ବୃଦ୍ଧିକୁ ଲକ୍ଷ୍ୟ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ଖଣିରେ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ ନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ସଦୃଶ ଶୀତତାପ ନିୟନ୍ତ୍ରଣ ମେଶିନ, ଥଣ୍ଡା ପାନୀୟ ଜଳ ଯୋଗାଣ, ରେଷ୍ଟ ସେଲଟର୍, ଓଆର୍ଏସ୍ ଓ ଜରୁରିକାଳୀନ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା।



କିନ୍ତୁ ଏହା ଏଯାବତ୍ କାର୍ଯ୍ୟକାରୀ ନ ହେବା ଫଳରେ ସଂଘ ପକ୍ଷରୁ ଏଭଳି ପ୍ରତିବାଦ୍ କରାଯାଇଥିଲା। ତାଳଚେର କୋଇଲା ଖଣି ମଜଦୁର ସଂଘ ସାଧାରଣ ସମ୍ପାଦକ ବୀରେନ କୁମାର ଖିଲାରଙ୍କ ନିର୍ଦ୍ଦେଶକ୍ରମେ କଣିହାଁ ସହିତ ତାଳଚେର ଖଣି ଅଞ୍ଚଳର ୮ମହାପ୍ରବନ୍ଧକ ସମସ୍ତ ଅଫିସ ସମ୍ମୁଖରେ ଏହି ପ୍ରତିବାଦ କରାଯାଇଥିଲା। ଜିଲା ବିଏମ୍ଏସ୍ ସମ୍ପାଦକ ତଥା କଣିହାଁ ପ୍ରଭାରୀ ଅଜୟ କୁମାର ପାଢୀ, ସଂଘ ସମ୍ପାଦକ ଚିନ୍ମୟ ଚିରସୁନ୍ଦର ପ୍ରଧାନ, ସଂଘମିତ୍ରା ପ୍ରଧାନ, ହିମାଦ୍ରୀ ସାହୁ, ରଶ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଦୁର୍ଗାବତୀ ସାହୁ, ରମେଶ ସାମଲ, ଜିତେଶ୍ ଧର, ଲକ୍ଷ୍ମୀଧର ଜେନା, ମାନସ ସାହୁ, ବିଶ୍ୱନାଥ ସାହୁ, ଅଜୟ ସାହୁ, କାଳନ୍ଦୀ ବେହେରା, ଶେଖ୍ ଖଲିଲ୍ ଉଲ୍ଲା, ଗୌତମ ବେହେରା, ରାଜେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

